ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି
(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)


**ପତ୍ର ସଂ–୪୫/୨୦୨୬** **ସପ୍ତାହ-୨୩** **ଶୁକ୍ରବାର, ତାରିଖ-୦୫.୦୬.୨୦୨୬**

## ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୧୨୪.୨/୧୦ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୧୯.୬/୦୨ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (°C) | ୩୯.୧ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (°C) | ୨୫.୧ |

## କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (°ସେ.) | ସର୍ବନିମ୍ନ ତାପମାତ୍ରା (°ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୦୬-୦୬-୨୦୨୬ | ୧୫ | ୪୧ | ୨୭ | ୪ | ୬୮ | ୩୩ | ୮ | ୨୧୭ |
| | ୦୭-୦୬-୨୦୨୬ | ୧୦ | ୪୧ | ୨୭ | ୪ | ୭୦ | ୩୪ | ୧୦ | ୨୧୦ |
| | ୦୮-୦୬-୨୦୨୬ | ୪ | ୪୦ | ୨୬ | ୨ | ୬୪ | ୨୯ | ୧୦ | ୨୧୮ |
| | ୦୯-୦୬-୨୦୨୬ | ୩ | ୪୧ | ୨୬ | ୩ | ୬୧ | ୨୭ | ୧୩ | ୨୨୧ |
| | ୧୦-୦୬-୨୦୨୬ | ୩ | ୪୧ | ୨୬ | ୨ | ୬୦ | ୨୨ | ୧୪ | ୨୨୦ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

## ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାରେ ହାଲୁକା ଧରଣର ବର୍ଷା (୩-୧୫ ମିଲିମିଟର) ହେବାର ସମ୍ଭାବନା ଅଛି । ଆକାଶ ଆଂଶିକ ମେଘୁଆ ରହିବା ସହିତ ଘଣ୍ଟା ପ୍ରତି ୦୮-୧୪ କିଲୋମିଟର ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ରହିଛି । ଦିନର ସର୍ବାଧିକ ତାପମାତ୍ରା ୪୦ ରୁ ୪୧°C ମଧ୍ୟରେ ରହିବା ସହ ରାତିର ସର୍ବନିମ୍ନ ତାପମାତ୍ରା ୨୬–୨୭°C ପାଖାପାଖି ରହିପାରେ । ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୬୦–୭୦% ଏବଂ ଅପରାହ୍ନରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୨୨-୩୪% ମଧ୍ୟରେ ରହିବାର ସମ୍ଭାବନା ରହିଛି , ଯାହା ଗରମ ଏବଂ ଗୁଳୁଗୁଳିଆ ପାଗର ଅବସ୍ଥାକୁ ସୂଚାଉଛି ।

**ଚେତାବନୀ : ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଓ ଘଡ଼ଘଡ଼ି ସହିତ ଘଣ୍ଟାପ୍ରତି ୫୦ ରୁ ୬୦ କି.ମି ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି । (ଆସନ୍ତାକାଲି ସକାଳ ୮.୩୦ ପର୍ଯ୍ୟନ୍ତ ବୈଧ) ।**

## ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ପ୍ରସ୍ତୁତ ଓଡ଼ିଶାରେ ଆଗାମୀ ଦୁଇ ସପ୍ତାହ ପାଇଁ ପାଣିପାଗ ପୂର୍ବାନୁମାନ:

- **ପ୍ରଥମ ସପ୍ତାହ (୦୫ ଜୁନ ରୁ ୧୧ ଜୁନ, ୨୦୨୬):** ପ୍ରଥମ ସପ୍ତାହରେ ଓଡ଼ିଶାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବଜ୍ରପାତ ହେବାର ବହୁତ ସମ୍ଭାବନା ଅଛି । ଏହି ପ୍ରଥମ ସପ୍ତାହରେ ସର୍ବାଧିକ ତାପମାତ୍ରା ଉତ୍ତର ଉପକୂଳ ଓଡ଼ିଶାରେ ୩୬-୩୮°C, ଅବଶିଷ୍ଟ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଭାଗରେ ୩୮-୪୦°C ଏବଂ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ୪୦-୪୨°C ମଧ୍ୟରେ ରହିବାର ସମ୍ଭାବନା ବହୁତ ଅଧିକ ରହିଛି । ଏଥିସହିତ, ପ୍ରଥମ ସପ୍ତାହରେ ଓଡ଼ିଶାର ଅଧିକାଂଶ ଭାଗରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ ରହିବାର ସମ୍ଭାବନା ଅଛି ।
- **ଦ୍ୱିତୀୟ ସପ୍ତାହ (୧୨ ଜୁନ ରୁ ୧୮ ଜୁନ, ୨୦୨୬):** ଦ୍ୱିତୀୟ ସପ୍ତାହ ରେ ଓଡ଼ିଶାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବଜ୍ରପାତ ହେବାର ବହୁତ ସମ୍ଭାବନା ଅଛି । ଏହି ସପ୍ତାହରେ ସର୍ବାଧିକ ତାପମାତ୍ରା ଉତ୍ତର ଉପକୂଳ ଓଡ଼ିଶାରେ ୩୨-୩୪°C, ଓଡ଼ିଶାର ଅବଶିଷ୍ଟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ୩୪-୩୬°C ଏବଂ ଓଡ଼ିଶାର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ୩୮-୪୦°C ମଧ୍ୟରେ ରହିବାର ସମ୍ଭାବନା ବହୁତ ଅଧିକ ରହିଛି । ଦ୍ୱିତୀୟ ସପ୍ତାହ ମଧ୍ୟରେ ଓଡ଼ିଶାର ଅଧିକାଂଶ ଭାଗରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ ରହିପାରେ ଏବଂ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ଏହା ସ୍ୱାଭାବିକ ଠାରୁ ଅଧିକ ରହିବା ଆଶା କରାଯାଉଛି ।

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

### ସାଧାରଣ ପରାମର୍ଶ

ଖରିଫ ଫସଲ ପାଇଁ ଜରୁରୀକାଳୀନ କୃଷି ଯୋଜନା କୌଶଳ (ସ୍ୱାଭାବିକ ଠାରୁ କମ୍ ବର୍ଷା ହେବାର ପରିସ୍ଥିତି)

ଓଡ଼ିଶାରେ ସ୍ୱାଭାବିକ ଠାରୁ କମ୍ ମୌସୁମୀ ବର୍ଷା (~୯୦% LPA) ହେବାର ପୂର୍ବାନୁମାନକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ନିମ୍ନଲିଖିତ ଜଳବାୟୁ-ଉପଯୋଗୀ କୌଶଳ ଆପଣେଇବାକୁ ପରାମର୍ଶ ଦିଆଯାଉଛି:

- ମରୁଡ଼ି ପ୍ରବଣ ଅଞ୍ଚଳଗୁଡ଼ିକରେ, ଅଧିକ ପାଣି ଆବଶ୍ୟକ କରୁଥିବା ଫସଲ ବଦଳରେ କମ୍ ପାଣି ଚାହୁଁଥିବା ବିକଳ୍ପ ଫସଲ ଯେପରିକି- ମୁଗ, ବିରି, ହରଡ଼, ମାଣ୍ଡିଆ/କ୍ଷୁଦ୍ର ଶସ୍ୟ (millets) ଏବଂ ରାଶି ଚାଷକୁ ପ୍ରାଧାନ୍ୟ ଦିଅନ୍ତୁ ।

- ଆପଣଙ୍କ ପାଖରେ ଥିବା ସମସ୍ତ ବିହନକୁ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ନବୁଣି, ବିଭିନ୍ନ ପର୍ଯ୍ୟାୟରେ ବିହନ ବୁଣିବାର ଯୋଜନା କରନ୍ତୁ । ଆରମ୍ଭରୁ ବର୍ଷା ହେବା ପରେ ଯଦି ଦୀର୍ଘ ସମୟ ଧରି ମରୁଡ଼ି ପରିସ୍ଥିତି ଦେଖାଦିଏ, ତେବେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କାରୁ ରକ୍ଷା ପାଇବା ପାଇଁ ପର୍ଯ୍ୟାୟକ୍ରମେ ବା ଭାଗ ଭାଗ କରି ବିହନ ବୁଣିବା ପଦ୍ଧତି ଆପଣାନ୍ତୁ ।
- ଜଳବାୟୁ ଜନିତ ବିପଦକୁ କମାଇବା ପାଇଁ କମ୍ ଅବଧି ବିଶିଷ୍ଟ ଫସଲ କିସମ ଚୟନ କରନ୍ତୁ, ଉପଯୁକ୍ତ ସ୍ଥାନରେ ସିଧା ସଳଖ ବୁଣା ଧାନ ଚାଷ କରନ୍ତୁ କିମ୍ବା ରୁଆ କାର୍ଯ୍ୟର ସମୟସୂଚୀରେ ଆବଶ୍ୟକୀୟ ପରିବର୍ତ୍ତନ ଆଣନ୍ତୁ ।
- ନିଶ୍ଚିତ ଜଳସେଚନ ସୁବିଧା ଥିବା ଅଞ୍ଚଳଗୁଡ଼ିକରେ ଗୋଷ୍ଠୀଗତ ତଳିଘରା ପ୍ରସ୍ତୁତ କରନ୍ତୁ, ଯଦ୍ୱାରା ବର୍ଷା ଅଭାବରୁ ଯଦି ରୁଆ କାର୍ଯ୍ୟ ବିଳମ୍ବ ହୁଏ, ତେବେ ପରବର୍ତ୍ତୀ ସମୟ ପାଇଁ ସୁସ୍ଥ ତଳି ସହଜରେ ମିଳିପାରିବ ।
- ସମୟାନୁକୂଳ କୃଷି ନିଷ୍ପତ୍ତି ନେବା ପାଇଁ ଚାଷୀଭାଇମାନଙ୍କୁ ନିୟମିତ ଭାବେ ପାଣିପାଗ ଭିତ୍ତିକ କୃଷି ପରାମର୍ଶ ଯାଞ୍ଚ କରିବାକୁ ଏବଂ ଆଗାମୀ ପାଣିପାଗ ସୂଚନା ବିଷୟରେ ସଦାସର୍ବଦା ଅବଗତ ରହିବାକୁ ପରାମର୍ଶ ଦିଆଯାଉଛି ।

| ସଂକ୍ଷିପ୍ତ ବାର୍ତା | | ▪ ସଠିକ୍ ସମୟରେ ତଳି ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନିଶ୍ଚିତ ଜଳସେଚନ ସୁବିଧା ଥିବା ଅଞ୍ଚଳଗୁଡ଼ିକରେ ଧାନର ଗୋଷ୍ଠୀଗତ ତଳିଘରା ପ୍ରସ୍ତୁତ କରନ୍ତୁ । |
|---|---|---|
| **ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ** | | |
| **ଫସଲ ର ନାମ** | **ଫସଲ ଅବସ୍ଥା** | **ପରାମର୍ଶ** |
| **କ୍ଷେତ୍ର ଫସଲ** | | |
| **ଖରିଫ ଧାନ** | **ବୁଣିବା ପୂର୍ବ ଅବସ୍ଥା** | ▪ ଭାରତ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଚଳିତ ବର୍ଷ ମୌସୁମୀ ଜନିତ ବର୍ଷା ସ୍ୱାଭାବିକ ଠାରୁ କମ (୯୦%) ହେବାର ସମ୍ଭାବନା ଥିବାରୁ ଚାଷୀ ଭାଇ ଓ ଭଉଣୀମାନେ ଲମ୍ବ ଅବଧିର ଧାନ ନକରି ସ୍ୱଳ୍ପ ରୁ ମଧ୍ୟମ ଅବଧି ର ଧାନ କିସମ ଚୟନ କରିବାକୁ ପରାମର୍ଶ ଦିଆଯାଉ ଅଛି । ଜମିର ପ୍ରକାର ଅନୁସାରେ ନିମ୍ନଲିଖିତ କିସମ ଗୁଡିକରୁ ଉପଯୁକ୍ତ କିସମ ବାଛି ପାରିବେ।<br>**ଜଳବାୟୁ ଅନୁଯାୟୀ ଉପଯୁକ୍ତ କିସମ:**<br>▪ **ଢିପ ଜମି ନିମନ୍ତେ :** ଖଣ୍ଡଗିରି, ସହଭାଗୀ, ଜ୍ୟୋତିର୍ମୟୀ, ମନ୍ଦାକିନୀ, ଫାଲ୍‌ଗୁନୀ, ବନ୍ଦନା, ଅଞ୍ଜଳି, ଅଙ୍କିତ, ସତ୍ୟଭାମା ଇତ୍ୟାଦି।<br>▪ **ମଧ୍ୟମ ରୁ ଖାଲୁଅ ଜମି ନିମନ୍ତେ :** ଲଲାଟ, ଏମ୍.ଟି.ୟୁ- ୧୦୧୦,ଏମ୍.ଟି.ୟୁ- ୧୦୦୧, ନବୀନ, ପ୍ରତିଭା, ପ୍ରଦୀପ, ହିରଣ୍ମୟୀ, ତେଜସ୍ୱିନୀ।<br>▪ ଜିଲ୍ଲାରେ ସାଧାରଣତଃ ବର୍ଷା ଅଭାବରେ ମରୁଡ଼ି ପରିସ୍ଥିତି ଦେଖା ଦେଇଥାଏ । ତେଣୁ ଚାଷୀ ଭାଇ ମାନେ ମରୁଡ଼ି ସହନଶୀଳ କିସମ ଯଥା **ସହଭାଗୀ ଧାନ, ଡିଆରଆର୍ ୪୨, ଡିଆରଆର୍ ୪୪, ବିଆରଆର୍ ଧାନ ୭୧, ସ୍ୱର୍ଣ୍ଣ ଶ୍ରେୟା** ଆଦି ଢିପ/ମଧ୍ୟମ ଜମିରେ ଲଗାଇ ପାରିବେ।<br>**ଆବଶ୍ୟକ ବିହନ/ମଞ୍ଜି :** ଏକର ପ୍ରତି ରୁଆ ଧାନ ପାଇଁ ୨୦ କି.ଗ୍ରା., ଛଟା ବୁଣା ପାଇଁ ୩୦-୪୦ କି.ଗ୍ରା. ଏବଂ ଯାନ୍ତ୍ରିକ ବୁଣା ପାଇଁ ୧୦ କି.ଗ୍ରା. । |
| **କପା** | **ବୁଣିବା ପୂର୍ବ ଅବସ୍ଥା** | ▪ ଓଡ଼ିଶାରେ ସ୍ୱାଭାବିକ ଠାରୁ କମ୍ ମୌସୁମୀ ବର୍ଷା ହେବାର ପୂର୍ବାନୁମାନକୁ ଦୃଷ୍ଟିରେ ରଖି, ମାଟିରେ ପର୍ଯ୍ୟାପ୍ତ ପରିମାଣର ଆର୍ଦ୍ରତା ଜମିବା ପରେ ହିଁ ବିହନ ବୁଣିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି । ଏହା ସହିତ, ଅନିଶ୍ଚିତ ବର୍ଷା ପରିସ୍ଥିତିରେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହେବାର ଆଶଙ୍କାକୁ କମାଇବା ପାଇଁ ପର୍ଯ୍ୟାୟକ୍ରମେ ବା ଭାଗ ଭାଗ କରି ବିହନ ବୁଣିବା ପଦ୍ଧତି ଆପଣାନ୍ତୁ ।<br>▪ ଗାତ ପିଛା ଗୋଟିଏ ଲେଖା ମଞ୍ଜି କୁ ୩ ରୁ ୫ ସେଣ୍ଟିମିଟର ଗଭୀରତାରେ ପୋତି ମାଟିକୁ ଢାଙ୍କି ଦିଅନ୍ତୁ। ମଞ୍ଜି ପୋତିଲା ବେଳେ ଧାଡ଼ି ରୁ ଧାଡ଼ି ଦୂରତା ୩ ଫୁଟ ଏବଂ ଗଛ ରୁ ଗଛ ଦୂରତା ୨ ଫୁଟ ରଖନ୍ତୁ। ସଘନ କପା ଚାଷ କ୍ଷେତ୍ର ରେ ଧାଡ଼ି ରୁ ଧାଡ଼ି ଦୂରତା ୨ ଫୁଟ ଏବଂ ଗଛ ରୁ ଗଛ ଦୂରତା ୪ ଇଞ୍ଚ ରଖନ୍ତୁ। ଗୋଟିଏ ଗାଁ ରେ ଏକ ପ୍ରକାର କିସମ କରିବାକୁ ଚେଷ୍ଟା କରନ୍ତୁ ଏବଂ ଏକା ସାଙ୍ଗରେ କପା ବୁଣା କାମ ସାରନ୍ତୁ ଅର୍ଥାତ ୧୦ ରୁ ୧୫ ଦିନ ମଧ୍ୟରେ ସମସ୍ତଙ୍କର ବୁଣା କାମ ସାରିଦିଅନ୍ତୁ। ଏହା ଦ୍ୱାରା ରୋଗ ଓ ପୋକ ସଂକ୍ରମଣ ହ୍ରାସ ପାଇବ।<br>**ଆବଶ୍ୟକ ବିହନ:** ସାଧାରଣ କପା ଚାଷ ପାଇଁ ୧ କି.ଗ୍ରା. ପ୍ରତି ଏକର ଏବଂ ସଘନ କପା ଚାଷ ପାଇଁ ୫ କି.ଗ୍ରା. ପ୍ରତି ଏକର।<br>**ଜଳବାୟୁ ଅନୁଯାୟୀ ଉପଯୁକ୍ତ କିସମ:**<br>▪ **ସଙ୍କର କିସମ:** ଜେ.କେ ଦୁର୍ଗା, ଅଟଳ, ଧାନୋ, ଗବର, ଶ୍ରୀ ତୁଳସୀ, ଭାଗ୍ୟ, ଆକ୍କା, ଚନ୍ଦ୍ରମୁଖୀ<br>▪ **ଅଧିକ ଅମଳକ୍ଷମ କିସମ:** ବିଏସ ୩୦, ବିଏସ ୨୭୯, ସୁରଭି, ଏମସିୟୁ -୫<br>**ବିହନ ବିଶୋଧନ:** ବୁଣିବା ପୂର୍ବରୁ ୧ କିଲୋଗ୍ରାମ ମଞ୍ଜିକୁ ୭ ଗ୍ରାମ ଇମିଡାକ୍ଲୋପ୍ରିଡ୍ ୭୦ ଡବ୍ଲୁ.ଜି ଦ୍ୱାରା ବିଶୋଧନ |

| | | |
|---|---|---|
| | | କରନ୍ତୁ ଯାହାଦ୍ୱାରା ଶୋଷକ ପୋକ ମାନଙ୍କର ସଂକ୍ରମଣ ହ୍ରାସ ପାଇବ।<br>**ଅନୁମୋଦିତ ସାର :**<br>▪ ହଳ କରିବା ପୂର୍ବରୁ ଏକର ପ୍ରତି ୨ ଟନ ସଡ଼ା ଗୋବର ଖତ କିମ୍ବା ୧ ଟନ ଜିଆ ଖତ କୁ ମାଟି ଉପରେ ସମାନ ଭାବରେ ଖେଳାଇ ଦିଅନ୍ତୁ।<br>▪ ଚାଷୀ ଭାଇ ମାନେ ମୃତ୍ତିକା ପରୀକ୍ଷା କରି ଆବଶ୍ୟକ ପରିମାଣ ର ସାର ପ୍ରୟୋଗ କରନ୍ତୁ। ସାଧାରଣତଃ ମଞ୍ଜି ବୁଣିବା ସମୟରେ ସଙ୍କର ଜାତୀୟ କିସମ ପାଇଁ  ଏକର ପ୍ରତି ୧୨୦ କିଲୋଗ୍ରାମ ଡ଼ିଏପି + ୨୪ କିଲୋଗ୍ରାମ ଏମଓପି ସାର ପ୍ରୟୋଗ କରିବା ଆବଶ୍ୟକ ଏବଂ ଅଧିକ ଅମଳକ୍ଷମ କିସମ ପାଇଁ ଏକର ପ୍ରତି ୯୦ କିଲୋଗ୍ରାମ ଡ଼ିଏପି + ୧୮ କିଲୋଗ୍ରାମ ଏମଓପି ସାର ପ୍ରୟୋଗ କରିବା ଆବଶ୍ୟକ। |
| **ହରଡ଼** | **ବୁଣିବା ପୂର୍ବ ଅବସ୍ଥା** | **ମଞ୍ଜି ଲଗାଇବା ସମୟ:** ଅଧିକ ଅମଳ ନିମନ୍ତେ ସଅଳ କିସମ ପାଇଁ ଜୁନ ମାସ ୧୫ ତାରିଖ ସୁଦ୍ଧା ଏବଂ ମଧ୍ୟମ କିମ୍ବା ଲମ୍ବା କିସମ ପାଇଁ  ଜୁନ ମାସ ଶେଷ ସୁଦ୍ଧା ମଞ୍ଜି ବୁଣିବା କାମ ସାରିଦିଅନ୍ତୁ। ମଞ୍ଜି ବୁଣା ଯନ୍ତ୍ର କିମ୍ବା ହଳ ଦ୍ଵାରା ଧାଡ଼ି ରେ ମଞ୍ଜି ବୁଣନ୍ତୁ କିମ୍ବା ପଟାଳି କରି ହାତରେ ମଞ୍ଜି କୁ ଧାଡ଼ିରେ ପୋତି ପାରିବେ । ମଞ୍ଜି ବୁଣିଲା ବେଳେ ସଅଳ କିସମ ପାଇଁ ଧାଡ଼ି ରୁ ଧାଡ଼ି ଦୂରତା ୨ ଫୁଟ  ଏବଂ ଏବଂ ମଧ୍ୟମ କିମ୍ବା ଲମ୍ବା କିସମ ପାଇଁ ୧.୫ ଫୁଟ ତଥା ଉଭୟ କ୍ଷେତ୍ରରେ ଗଛ ରୁ ଗଛ ଦୂରତା ୮ ଇଞ୍ଚ ରଖନ୍ତୁ।<br>**ଜଳବାୟୁ ଅନୁଯାୟୀ ଉପଯୁକ୍ତ କିସମ:**<br>▪ **୧୨୦ ରୁ ୧୪୦ ଦିନିଆ କିସମ -** ଉପାସ ୧୨୦, ପୁସା ୮୫୫, ପ୍ରଗତି, ଦୁର୍ଗା, ସି ୧୧, ଆଇ.ସି.ପି.ଏଲ ୮୮୦୩୯, ପି.ଆର.ଜି ୧୭୬, ପନ୍ତ-ଏ- ୭, ଭି.ଏଲ ଅରହର ୧।<br>▪ **୧୬୦ ରୁ ୧୮୦ ଦିନିଆ କିସମ-** ପି.ଆର.ଜି ୨୩୫, ଟି.ଡି.ଆର.ଜି ୫୯, ଆଶା(ଆଇ.ସି.ପି.ଏଲ -୮୭୧୧୯), ଲକ୍ଷ୍ମୀ, ଜି.ଟି ୧୦୪ ଏକର ପ୍ରତି ଆବଶ୍ୟକ ବିହନ: ସଅଳ କିସମ ପାଇଁ ୮ କିଲୋଗ୍ରାମ ଏବଂ ମଧ୍ୟମ କିମ୍ବା ଲମ୍ବା କିସମ ପାଇଁ ୬ କିଲୋଗ୍ରାମ । |
| **ମକା** | **ବୁଣିବା ପୂର୍ବ ଅବସ୍ଥା** | ▪ ଅଧିକ ଅମଳ ନିମନ୍ତେ ଜୁନ ମାସ ଶେଷ ସୁଦ୍ଧା ମଞ୍ଜି ବୁଣିବା କାମ ସାରିଦିଅନ୍ତୁ।<br>**ଆବଶ୍ୟକ ବିହନ:** ଏକର ପ୍ରତି ୬ ରୁ ୮ କିଲୋଗ୍ରାମ ।<br>**ଜଳବାୟୁ ଅନୁଯାୟୀ ଉପଯୁକ୍ତ କିସମ:**<br>**ସାଧାରଣ ସଙ୍କର ମକା କିସମ:** କଳିଙ୍ଗ ରାଜ, ଡେକାନ ୧୦୯, ଡେକାନ ୧୦୭, ଏଚଏମ ୯, ବିବେକ ମେଜ ହାଇବ୍ରିଡ଼ ୨୭, ବିବେକ ମେଜ ହାଇବ୍ରିଡ଼ ୧୭, ପି ୩୪୪୧, ପି ୩୫୦୧, ଯୁବରାଜ ଗୋଲଡ଼, ବାୟୋ ୯୫୪୪ ଇତ୍ୟାଦି।<br>**ମିଠା ମକା କିସମ:** ମାଧୁରୀ ସୁଇଟ କର୍ଣ, ପ୍ରିୟା ସୁଇଟ କର୍ଣ, ମିଷ୍ଟି । |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | | |
| **ଗାଈ ଓ ମଇଁଷି** | | ▪ ଏକ ଲିଟର ପାଣିରେ ୪-୫ ମିଲି ଗ୍ରାମ ପୋଟାସିୟମ ପରମଙ୍ଗାନେଟ ମିଶାଇ ଗୁହାଳର ଚଟାଣ କୁ ବିଶୋଧନ କରିବା ଆବଶ୍ୟକ । ଦାନାରେ ଭିଟାମିନ ଓ ମିନେରାଲ ମିକ୍ସର ମିଶାଇ ଖାଇବାକୁ ଦିଅନ୍ତୁ। ବିଭିନ୍ନ ସଂକ୍ରମିତ ରୋଗରୁ ରକ୍ଷା ପାଇଁ ଟୀକାକରଣ ନିୟମିତ ବ୍ୟବଧାନରେ କରନ୍ତୁ । |
| **କୁକୁଡ଼ା** | | ▪ କୁକୁଡ଼ା ମାନଙ୍କୁ ସୁସ୍ଥ ରଖିବା ପାଇଁ ଭିଟାମିନ, ମିନାରାଲ ଓ ଆମିନୋ ଏସିଡ ମିଶ୍ରିତ ଔଷଧ ଦାନରେ ମିଶାଇ ଦିଅନ୍ତୁ। ଫାର୍ମରେ ବ୍ୟବହାର ହେଉଥିବା ଜିନିଷ ଓ ଯନ୍ତ୍ରପାତି ଆଦି କୁ ନିୟମିତ ଭାବେ ବିଶୋଧନ କରନ୍ତୁ । କୁକୁଡ଼ା ଫାର୍ମରେ କାମ  କରୁଥିବା ବ୍ୟକ୍ତି  ହାତକୁ  ବାରମ୍ବାର ସାବୁନରେ ଧୁଅନ୍ତୁ ଓ ମୁହଁ ଓ ନକକୁ ଘୋଡ଼ାଇବା ପାଇଁ ମାସ୍କ ବ୍ୟବହାର କରନ୍ତୁ। |

**ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**

**ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।**

**କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା,  ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).**

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**